101 YEARS OF PUBLICATION
Daily Edition: R.N.I. No. 4005/57
P.R. No. CK(C)/17/2018-2020

- Bhubaneswar, Monday 28 December 2020
- ଭୁବନେଶ୍ୱର, ସୋମବାର ୨୮ ଡିସେମ୍ବର ୨୦୨୦
- ଆଜି ଧନୁ ୧୪ ଦିନ, ୧୪୨୮ ସାଲ
- ପୌଷ ୭ ଦିନ, ୧୯୪୨ ଶକାବ୍ଦ, ଶୁକ୍ଳପକ୍ଷ ତ୍ରୟୋଦଶୀ
- ଭାଗ- ୯୧ ସଂଖ୍ୟା- ୩୬୬୪
- www.thesamaja.com
www.samajaepaper.com
www.samajalive.in

ଟ ୫.୦୦ (୧୬ ପୃଷ୍ଠା)

ସମାଜ
The Samaja
ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁ ଦାସ
PRINTED AT CUTTACK, SAMBALPUR, BALESWAR, VISAKHAPATNAM

# ବିଜିୟୁରେ ମ୍ୟାନେଜିଂ ଫାଇନାନ୍ସ କର୍ମଶାଳା

ଭୁବନେଶ୍ୱର,୨୭।୧୨: ବିର୍ଲା ଗ୍ଲୋବାଲ ୟୁନିଭରସିଟିର ବିର୍ଲା ସ୍କୁଲ ଅଫ ମ୍ୟାନେଜମେଣ୍ଟ ପକ୍ଷରୁ ମ୍ୟାନେଜିଂ ଫାଇନାନ୍ସ: ନାଓ ଆଣ୍ଡ ଇନ୍ ଫ୍ୟୁଚର ଶୀର୍ଷକ ଅନ୍‌ଲାଇନ କର୍ମଶାଳା ଆୟୋଜିତ ହୋଇଯାଇଛି । ଏହି ପ୍ୟାନେଲ ଆଲୋଚନାରେ ଟାଟାର ସିନିୟର ମ୍ୟାନେଜର ଗୌରବ ଆରୋରା ଯୋଗଦେଇ ଇସ୍ପାତ ଓ ଅର୍ଥ ପରିଚାଳନାରେ ତାଙ୍କର ଅଭିଜ୍ଞତା ତଥା ଇସ୍ପାତ ଶିଳ୍ପ ଉପରେ ମହାମାରୀର ପ୍ରଭାବ ସମ୍ପର୍କରେ ଆଲୋଚନା କରିଥିଲେ । ଜେ ପି ମୋର୍ଗାନ ଚେଜ ଆଣ୍ଡ କୋର୍ ଭାଇସ ପ୍ରେସିଡେଣ୍ଟ ନିଧିଶ ସିଂ ମଧ୍ୟ ଏଥିରେ ଯୋଗଦେଇଥିଲେ । ବିଜିୟୁ କୁଳପତି ଡଃ ପି ପି ମାଥୁର ଦୁର୍ବଳ ଅର୍ଥନୈତିକ ବ୍ୟବସ୍ଥା ସହିତ ଏଭଳି ପରିସ୍ଥିତିରେ ନିଜର ଜୀବିକା ହରାଇଥିବା ଜନସାଧାରଣଙ୍କ ଦୁରବସ୍ଥା ଉପରେ ଆଲୋକପାତ କରିବା ସହିତ ଏଲଟିସିର ବ୍ୟବହାର ସମ୍ପର୍କରେ ବୁଝାଇଥିଲେ । ଏଥିରେ ବିର୍ଲା ସ୍କୁଲ ଅଫ କମର୍ସର ଡିନ୍ ଡଃ ସାମ୍‌ସନ ମହାରଣା, ଏସିସିଏ ନର୍ଥ ଆଣ୍ଡ ଇଷ୍ଟ ଇଣ୍ଡିଆର ମୁଖ୍ୟ କ୍ରିଷ୍ଟନ ମିଶ୍ର, ବାୟୋକର୍କ ଇଣ୍ଡିଆର ପ୍ରତିଷ୍ଠାତା ସିଇଏ ଅଜୟ ମିଶ୍ର, ବିର୍ଲା ସ୍କୁଲ ଅଫ ମ୍ୟାନେଜମେଣ୍ଟ ଫାଇନାନ୍ସ ଆଣ୍ଡ ଆକାଉଣ୍ଟ୍‌ସର ଏରିଆ ହେଡ ଡଃ ପ୍ରଦୀପ କୁମାର ସାନିଆଲ ପାନେଲିଷ୍ଟ ରହିଥିଲେ ।